# Akashvani, Sambalpur

# SAMBALPURI NEWS MORNING BULLETIN

## 3 June 2026 - 6.47- 6.52 am.

---

ବ୍ରିକ୍ସ ସମ୍ମିଳନୀ        ଆର୍‌ଏନ୍‌ୟୁ/ ସମ୍ବଲପୁର

ବିପର୍ଯ୍ୟୟ ପରିଚାଳନାକେ ନେଇକରି ପୁରୀ ନ ବ୍ରିକ୍ସ ବିପର୍ଯ୍ୟୟ ବିପଦ୍ ହ୍ରାସ କାର୍ଯ୍ୟଗୋଷ୍ଠୀର୍ ବୈଷୟିକ୍ ବୈଠକ୍ ଆଏଜ୍ ଠାନୁ ମୁଲ୍ ହେବା । ବୈଠକ୍‌ଥି ବ୍ରିକ୍ସ ଦେଶ୍ ମାନ୍‌କର୍ ପ୍ରତିନିଧି ଆଉ ବିଶେଷଜ୍ଞମାନେ ଯୋଗ୍‌ଦେଇକରି ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ୍ କ୍ଷମତା ବଢ଼ାବାର୍ ଆଉ ଅନ୍ତର୍ଜାତୀୟ ସହଯୋଗ୍ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା କର୍‌ବେ । ଇଥିର୍‌ଲାଗି ବ୍ରିକ୍ସ ରାଷ୍ଟ୍ର ସମୂହର୍ ପ୍ରତିନିଧି ମାନେ ଓଡ଼ିଶା ପୁହୁଁଚିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନୀ ସମାବେଶ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ସମ୍ମିଳନୀ ଆଏବା ଶୁକ୍ରବାର୍‌ତକ୍ ଚାଲ୍‌ବା ।

ଜାତୀୟ ପଂଚାୟତ୍ ପୁରସ୍କାର        ଆର୍ଏନ୍ୟୁ/ ସମ୍ବଲପୁର

ପଂଚାୟତିରାଜ୍ ମନ୍ତ୍ରଣାଳୟ ତର୍ଫୁ ଆଏଜ୍ ଜାତୀୟ ପଂଚାୟତ୍ ପୁରସ୍କାର୍ -୨୦୨୫ ଦିଆଯିବା । କେନ୍ଦ୍ର ପଂଚାୟତିରାଜ୍ ମନ୍ତ୍ରୀ ରାଜୀବ୍ ରଞ୍ଜନ୍ ସିଂ ନୂଆଦିଲ୍ଲୀ ନ ଇ ପୁରସ୍କାର୍ ଦେବେ । ଇଥିର୍ଲାଗି ଓଡ଼ିଶାକେ ୫ ଟା ବର୍ଗଥି ବଛାଯାଇଛେ ।

ପ୍ରଧାନ୍ମନ୍ତ୍ରୀ ସୂର୍ଯ୍ୟଘର୍        ଆର୍ଏନ୍ୟୁ/ ସମ୍ବଲପୁର

ସୌରଶକ୍ତିର୍ ଉପଯୋଗ୍ ଆଉ ସ୍ଥାୟୀ ବିକାଶ୍ ଦିଗେ ଓଡ଼ିଶା ସାରା ଦେଶେ ଭଲ୍ ପ୍ରଦର୍ଶନ୍ କରିକରି ପ୍ରଧାନ୍ମନ୍ତ୍ରୀ ସୂର୍ଯ୍ୟଘର୍ ଉତ୍କର୍ଷ ପୁରସ୍କାର୍ ଲାଗି ମନୋନୀତ୍ ହେଇଛେ । ପ୍ରଧାନ୍ମନ୍ତ୍ରୀ ସୂର୍ଯ୍ୟଘର୍ ଯୋଜ୍ନାଥି ସର୍ବାଧିକ୍ ଗ୍ରାହକଙ୍କର୍ ଆବେଦନ୍, ସୌର ଥାପ୍ନା ଆଉ ଡିସ୍କମ୍ ଯାଂଚ୍ କ୍ଷେତ୍ରଥି ମଧ୍ୟମ୍ ଧରଣ୍ର ଗ୍ରାହକ୍ ମାନ୍କର୍ ସଂଖ୍ୟା ଥିବା ରାଜ୍ୟ ମାନ୍କର୍ ଭିତ୍ରେ ଓଡ଼ିଶା ପହେଲା ଠାନେ ରହିଛେ । ଇତାର୍ଛଡ଼ା ଅଧିକା ବ୍ୟବସାୟୀ ପଞ୍ଜିକରଣ୍ ବର୍ଗଥି ରାଜ୍ୟ ୩ ନମ୍ବର୍ ଠାନେ ରହିଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍

ମାଝୀ ଇ ସଫଲତା ସର୍‌କାର୍‌ଙ୍କର୍ ବିଭାଗୀୟ ସମନ୍ୱୟ ଆଉ କ୍ଷେତ୍ରସ୍ତରଥି କାମ୍ କରୁଥିବା ସବୁ ଅଧିକାରୀମାନ୍‌କର୍ ସାମୂହିକ୍ ଚେଷ୍ଟାର ଫଲାଫଲ୍ ବଲି କହିଛନ୍ ।

ରାଜସ୍ୱ ମନ୍ତ୍ରୀ- ବୈଠକ୍           ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ସବୁ ପଞ୍ଜିକରଣ୍ କାର୍ଯ୍ୟାଲୟକେ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଆଉ ମଧ୍ୟସ୍ଥିମୁକ୍ତ କର୍‌ବାର୍ ଲାଗି ସ୍ମାର୍ଟ ସର୍ଭିଲେନ୍ସ ସିଷ୍ଟମ୍ ଲାଗୁ କରାଯିବା । ଇ ବାବ୍‌ଦେ ଗଲାକାଏଲ୍ ଲୋକ୍‌ସେବା ଭବନ୍ ନ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ଉନ୍ନତ୍ ସିସିଟିଭି ଆଉ ଏ.ଆଇ. ବେଭାର୍ କରିକରି ସବୁ ପଞ୍ଜିକରଣ୍ କାର୍ଯ୍ୟାଲୟ ନ ରିୟଲ୍ ଟାଇମ୍ ମନିଟରିଂ କରାଯିବା । ଆଏବା ଦିନେ ସବୁ ତହସିଲ୍ ଆଉ ଆର୍.ଆଇ. ଅଫିସ୍ ମାନ୍‌କେ ଭିଲ୍ ସ୍ମାର୍ଟ ସର୍ଭିଲେନ୍ସ ଲାଗୁ କରାଯିବା ବଲି ବୈଠକ୍‌ଥି ଆଲୋଚନା ହେଇଛେ ।

ପୂର୍ତ୍ତମନ୍ତ୍ରୀ ସମୀକ୍ଷା           ଆଇ ଆଣ୍ଡ୍ ପି.ଆର୍

ପିଏମ୍ ଗତିଶକ୍ତି ପୋର୍ଟାଲ୍‌ର ପ୍ରଭାବଶାଳୀ କାର୍ଯ୍ୟକାରିତା ଆଉ ରାଏଜେ ଭିତିଭୂମି ପ୍ରକଳ୍ପ ମାନ୍‌କର୍ ତୁର୍‌ତି କାର୍ଯ୍ୟାନ୍ୱୟନ୍‌କେ ନେଇକରି ଗଲାକାଏଲ୍ ଲୋକ୍‌ସେବା ଭବନ୍ ନ ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଛେ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଗତିଶକ୍ତି ପୋର୍ଟାଲ୍‌ର ସର୍ବାଧିକ୍ ଉପଯୋଗ୍ କରିକରି ପ୍ରକଳ୍ପମାନ୍‌କର୍ ଗୁଣାତ୍ମକ୍ ଆଉ ସମିଆ ଭିତ୍‌ରେ କାର୍ଯ୍ୟାନ୍ୱୟନ୍ ବାବ୍‌ଦେ ଜୋର୍ ଦେଇଛନ୍ । ବୈଠକ୍‌ଥି ରାଜ୍ୟର୍ ସଡ଼କ୍ ମାନ୍‌କର୍ ଗଠନ୍, ବହୁମୁଖୀ ସଂଯୋଗ୍ ବ୍ୟବସ୍ଥା ଆଉ ପୋର୍ଟାଲ୍ ଜରିଏ ପ୍ରକଳ୍ପର୍ ସମନ୍ୱିତ୍ କାର୍ଯ୍ୟାନ୍ୱୟନ୍ ଉପ୍‌ରେ ଆଲୋଚନା ହେଇଛେ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଓଡ଼ିଶା ଗସ୍ତ ଅବ୍‌ସରେ ହେବାର୍‌କେ ଥିବା ନୂଆଁ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା ଆଉ ଉଦ୍‌ଘାଟନ୍ ବାବ୍‌ଦେ ଭିଲ୍ ସମୀକ୍ଷା ହେଇଛେ ।

ଏସ୍‌ଆଇଆର୍ ଆଇ ଆଣ୍ଡ୍ ପି.ଆର୍

ମତଦାତା ଭାଟର୍ ତାଲିକାକେ ସ୍ୱଚ୍ଛ ଆଉ ନିର୍ଭୁଲ୍ କର୍ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍ - ଏସ୍ଆଇଆର୍ ଗଲାକାଏଲ୍ ୪ ନମ୍ବର୍ ଦିନେ ପୁହୁଁଚିଛେ । ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତର୍ଫୁ ମିଲିଥିବା ସୂଚ୍ନା ଅନ୍ସାରେ ଗଲାକାଏଲ୍ ବେଲ୍ବୁଡ଼୍ର୍ ୭ ବଜେତକ୍ ୪୧ ଲାଖ୍ ୬୦ ହଜାର୍ ଭୋଟର୍ଙ୍କୁ ପରିଗଣନା ଫର୍ମ ବଂଟାଯାଇଛେ । ସାରା ରାଏଜେ ୪୫ ହଜାର୍ ୨ ଶହ ୫୫ ଝନ୍ ବୁଥ୍ସ୍ତରୀୟ ଅଧିକାରୀ ଦୁର୍ଗମ୍ ଆଦିବାସୀ ଇଲାକାର୍ ସହେତେ ଭିନ୍ ଭିନ୍ ଜାଗାକେ ଯାଇକରି ଘର୍ମାନ୍କୁ ଇ ଫର୍ମ ବାଂଟୁଛନ୍ । ଭୋଟର୍ମାନେ voters.eci.gov.in ୱେବ୍ସାଇଟ୍ନୁ ଭିଲ୍ ଫର୍ମ ଡାଉନ୍ଲୋଡ୍ ଆଉ ଅପ୍ଲୋଡ୍ କରିପାର୍ବେ । ୩୩ ହଜାର୍ ୨୬ ଝନ୍ ବୁଥ୍ସ୍ତରୀୟ ଏଜେଂଟ୍ ଭିଲ୍ ବିଏଲ୍ଓମାନ୍କୁ ସହଯୋଗ୍ କରୁଛନ୍ ।

ରୁଦ୍ରମ୍ -୨ ଆଇ ଆଣ୍ଡ୍ ପି.ଆର୍

ପ୍ରତିରକ୍ଷା ଗବେଷଣା ଆଉ ବିକାଶ୍ ସଂଗଠନ୍ ଡିଆର୍ଡିଓ ଆଉ ଭାରତୀୟ ବାୟୁସେନା ଗୁଟେ ଯୁଦ୍ଧ ବିମାନ୍ନୁ ଆକାଶ୍ନୁ ପୃଥିବୀ

ପୃଷ୍ଠକେ ଲକ୍ଷ୍ୟଭେଦ କରିପାରୁଥିବା ସ୍ୱଦେଶୀ କ୍ଷେପଣାସ୍ତ୍ର ରୁଦ୍ରମ୍ - ୨ ର ସଫଲ୍ ପରୀକ୍ଷଣ୍ କରିଛନ୍ । ରୁଦ୍ରମ୍-୨ କେ ହାଇଦ୍ରାବାଦ୍‌ର ଗବେଷଣା କେନ୍ଦ୍ର -ଇମାରତ୍ ନୋଡ଼ାଲ୍ ପରୀକ୍ଷାଗାର ନ ସ୍ୱଦେଶୀ ଭାବେ ବିକଶିତ୍ କରାଯାଇଛେ । ଇଥି ଭିନ୍ ଭିନ୍ ଶିଳ୍ପସଂସ୍ଥା ଭିଲ୍ ସହଯୋଗ୍ କରିଛନ୍ । ଇତାର୍ ସଫଲ୍ ପରୀକ୍ଷଣ୍ ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ଡିଆର୍‌ଡିଓ, ବାୟୁସେନା ଆଉ ଶିଳ୍ପଜଗତ୍‌କେ ପ୍ରଶଂସା କରିଛନ୍ ।

ବିଶ୍ୱ ସାଇକେଲ୍ ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଶାରୀରିକ ଆଉ ମାନସିକ ସ୍ୱାସ୍ଥ୍ୟ ରକ୍ଷା ଆଉ ପରିବେଶ୍ ସଂରକ୍ଷଣ୍ ଲାଗି ସାଇକେଲ୍ ଚଲାବାର୍‌ଟାକେ ତହଁକାବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ସାଇକେଲ୍ ଦିବସ୍ ପାଲନ୍ ହେଉଛେ । ଜାତିସଂଘର୍ ସାଧାରଣ୍ ସଭାଥି ୨୦୧୮ ମସିହାନୁ ଫି' ବଛର୍ ଜୁନ୍ ୩ ତାରିଖ୍‌କେ ବିଶ୍ୱ ସାଇକେଲ୍ ଦିବସ୍ ଭାବେ ପାଲନ୍ କର୍‌ବାର୍‌କେ ନିଷ୍ପତି ନିଆଯାଇଥିଲା । ବିଶ୍ୱ ସାଇକେଲ୍ ଦିବସ୍‌ର ଇ ବଛ୍‌ରର୍ ବାର୍ତା ହେଉଛେ 'ସବୁଜ ଭବିଷ୍ୟତ୍ ଲାଗି ସାଇକେଲ୍ ଚଲାବାର୍' ।

ଏସ୍ଆଇଆର୍-ସୁବର୍ଣ୍ଣପୁର ସୁବର୍ଣ୍ଣପୁର ସମ୍ବାଦଦାତା

ସ୍ୱତନ୍ତ୍ର ସଘନ ସଂଶୋଧନ୍-୨୦୨୬ ଏସ୍ଆଇଆର୍‌କେ ଅଏତ୍‌କା ବ୍ୟାପକ୍ ଆଉ ପ୍ରଭାବ୍‌ଶାଳୀ କର୍‌ବାର୍ ଲାଗି ଗଲାକାଏଲ୍ ସୁବର୍ଣ୍ଣପୁର୍ ଜିଲ୍ଲା ନ ଗୁଟେ ସଚେତନତା ରଥର୍ ଶୁଭାରମ୍ଭ ହେଇଛେ । ଜିଲ୍ଲାପାଲ୍ ନୃପରାଜ୍ ସାହୁ ଇତାକେ ଶୁଭାରମ୍ଭ କରିଛନ୍ । ଇ ରଥ ଜିଲ୍ଲାର୍ ଭିନ୍ ଭିନ୍ ବ୍ଲକ୍ ଆଉ ଗାଁ ବୁଲିକରି ଭୋଟର୍ ତାଲିକା ସଂଶୋଧନ୍ ବାବ୍‌ଦେ ସୂଚ୍‌ନା ଦେବା ଆଉ ଲୁକ୍‌କର୍ ସକ୍ରିୟ ସହଯୋଗ୍ ଲାଗି ଆହ୍ୱାନ୍ କର୍‌ବା ।

ଏସ୍ଆଇଆର୍ ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ଅଧୀନ୍‌ଥି ଥିବା ବିଜାଡିହି ଗାଁ ନ ସ୍ୱତନ୍ତ୍ର ସଘନ ସଂଶୋଧନ୍ - ୨୦୨୬ ବାବଦ୍ ସଚେତନତା ଶିବିର୍ ଆଉ ପରିଗଣନା ଫର୍ମ ବାଂଟ୍‌ବାର୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଶିବିର୍‌ଥି ଗାଁର୍ ଲୁକ୍‌କୁ

ଏସ୍ଆଇଆର୍ ୨୦୨୬ ର ଉଦ୍ଦେଶ୍ୟ, ଭୋଟର୍ ତାଲିକା ସଂଶୋଧନ୍, ନାଁ ଯୋଗ, ବିୟୋଗ ଆଉ ସଂଶୋଧନ୍ ପ୍ରକ୍ରିୟା ବାବ୍‌ଦେ ସଚେତନ୍ କରାଯାଇଥିଲା ।

ଏମ୍ଏସ୍ଏମ୍ଇ ସଚେତନତା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦ୍‌ଭାବନା ସଭାଗୃହ ନ ଏମ୍ଏସ୍ଏମ୍ଇ ସଚେତନତା ଆଉ ପ୍ରୋତ୍ସାହନ୍ କାର୍ଯ୍ୟକ୍ରମ୍ ଗଲାକାଏଲ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଅଧ୍ୟକ୍ଷତା କରିକରି ଯୁବ ଉଦ୍ୟୋଗୀମାନ୍‌କୁ ସହାୟତା ଦେବାର୍ ଆଉ ଆତ୍ମନିର୍ଭର୍‌ଶୀଳ କରିକରି ନିଯୁକ୍ତି ଦେବାର୍‌କେ ଆହ୍ୱାନ୍ ଦେଇଛନ୍ । ଇ ଅବ୍‌ସରେ ସଫଲ୍ ଉଦ୍ୟୋଗୀମାନ୍‌କୁ ଭିଲ୍ ସମ୍ବର୍ଦ୍ଧିତ୍ କରାଯାଇଛେ ।